**SAMPLE QUESTION PAPER-PT-I**

# QUESTION BANK- 2023

## DAV PUBLIC SCHOOLS, ODISHA ZONE

**SUB : ODIA CLASS-VI (2023-24)**

**TEXT BOOKS : ଆମ ସାହିତ୍ୟ**

## EXAM SCHEDULE 2023-24

| NAME OF THE EXAM | DATE | FULL MARKS |
|---|---|---|
| PERIODIC ASSESSMENT-I | 24 July 2023 to 31 July 2023 | 40 |

**Syllabus**

| CHAPTER | Periodic Assessment- I | Marks (40 Marks) |
|---|---|---|
| ପାଠ-୧ | ବର୍ଷା | |
| ପାଠ-୨ | ବନବାଣୀ | |
| ପାଠ-୩ | ନ୍ୟାୟ ବିଚାର | |

## TYPOLOGY OF QUESTIONS

| | | |
|---|---|---|
| 1 | MCQ | 1 MARK |
| 2 | GRAMMAR | 1 MARK |
| 3 | SHORT ANSWER TYPE QUESTION-I | 1 MARK |
| 4 | SHORT ANSWER TYPE QUESTION-II | 2 MARKS |
| 5 | LONG ANSWER TYPE QUESTION | 5 MARKS |
| 6 | PASSAGE WRITING | 5 MARKS |

## 'କ' ବିଭାଗ – (ଅଜଣା ଅନୁଚ୍ଛେଦ ଲିଖନ

**1) ଅନୁଚ୍ଛେଦଟିକୁ ପଢ଼ି ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** **(1x5=5)**

ମାନବ ସମାଜର ସୁସ୍ଥ ସୁନ୍ଦର ଜୀବନ ମୂଳରେ ସ୍ୱଚ୍ଛତାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ଜାତିର ପିତା ମହାତ୍ମାଗାନ୍ଧୀ ସ୍ୱାଧୀନତା ଅପେକ୍ଷା ସ୍ୱଚ୍ଛତାକୁ ବିଶେଷ ପ୍ରାଧାନ୍ୟ ଦେଉଥିଲେ । ସ୍ୱଚ୍ଛଭାରତ ଗଠନ ଥିଲା ମହାତ୍ମାଗାନ୍ଧୀଙ୍କର ଅଭିଳାଷ । ସେ ସର୍ବଦା ଏକ ସ୍ୱଛ ସମାଜ ଗଠନ ପ୍ରତି ସଚେତନ ଥିଲେ । ସ୍ୱଚ୍ଛତାହିଁ ଜୀବଜଗତ ସହିତ ମନୁଷ୍ୟ ସମାଜକୁ ସୁସ୍ଥ ଓ ନୀରୋଗ ଜୀବନ ଯାପନ ପାଇଁ ଖୋରାକ ଯୋଗାଇଥାଏ । ତେଣୁ ଏଥିପାଇଁ ସାମୁହିକ ପ୍ରୟାସ ଆବଶ୍ୟକ । ସ୍ୱଚ୍ଛଭାରତ ଗଠନ ପାଇଁ ସରକାରୀ ସ୍ତରରେ ପଦକ୍ଷେପ ଗ୍ରହଣ କରାଯାଇଛି । ୨୦୧୪ ମସିହା ଅକ୍ଟୋବର ୨ ତାରିଖ ମହାତ୍ମାଗାନ୍ଧୀଙ୍କ ୧୪୫ ତମ ଜନ୍ମଜୟନ୍ତୀ ଅବସରରେ ସ୍ୱଚ୍ଛଭାରତ ନାମରେ ଏକ ଯୋଜନା ପ୍ରସ୍ତୁତ ହୋଇଛି । ୧୫୦ ତମ ଜନ୍ମଜୟନ୍ତୀ ଅବସରରେ ୨୦୧୯ ଅକ୍ଟୋବର ୨ତାରିଖରେ ଏହି ଯୋଜନାର ପରିପୂର୍ଣ୍ଣତା ପାଇଁ ପ୍ରୟାସ କରାଯାଇଛି । ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ଯାଏ ସବୁଠାରେ ଏହି ସ୍ୱଛତା ଆଣିବା ନିମିତ୍ତ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଠାରୁ ପାନୀୟ ଓ ସ୍ୱଛତା ମନ୍ତ୍ରଣାଳୟଯାଏ ସବୁ କ୍ଷେତ୍ରରେ ତତ୍ପରତା ଜାରି ରହିଛି । ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ ୨୦୧୪ ମସିହା ସେପ୍ଟେମ୍ବର ୨୫ ତାରିଖରେ ଏହି ଅଭିଯାନକୁ ତ୍ୱରାନ୍ୱିତ କରିଥିଲେ ଯାହାକି ବର୍ତ୍ତମାନ ଲକ୍ଷ୍ୟହାସଲ ପଥରେ ଅଗ୍ରସର ।

କ) ଗାନ୍ଧିଜୀ କେଉଁ କଥାକୁ ପ୍ରାଧାନ୍ୟ ଦେଉଥିଲେ ?

ଖ) ମାନବ ସମାଜର ସୁସ୍ଥ ସୁନ୍ଦର ଜୀବନ ମୂଳରେ କାହାର ଭୂମିକା ରହିଛି ?

ଗ) ସ୍ୱଚ୍ଛଭାରତ ଗଠନ ପାଇଁ ସରକାରୀ ସ୍ତରରେ କ'ଣ କରାଯାଇଛି ?

ଘ) ଗାନ୍ଧୀଜୀଙ୍କର ୧୫୦ ତମ ଜନ୍ମଜୟନ୍ତୀ କେବେ ପାଳିତ ହୋଇଥିଲା ?

ଙ) କିଏ ୨୦୧୪ ମସିହାରେ ସ୍ୱଚ୍ଛଭାରତ ଅଭିଯାନକୁ ତ୍ୱରାନ୍ୱିତ କରିଥିଲେ ?

2. ଅନୁଚ୍ଛେଦଟିକୁ ପଢ଼ି ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (1x5=5)

ଜଣେ ସୁଶାସକ ଭାବରେ କପିଳେନ୍ଦ୍ର ଦେବ ଇତିହାସ ପ୍ରସିଦ୍ଧ । ତାଙ୍କର ବ୍ୟକ୍ତିଗତ ଯତ୍ନରେ ଶାସନକାର୍ଯ୍ୟ ପରିଚାଳିତ ହେଉଥିଲା । ରାଜ୍ୟର ପ୍ରତ୍ୟେକ ଅଞ୍ଚଳ ଗସ୍ତକରି ସେ ବିଭିନ୍ନ ସମସ୍ୟାର ସମାଧାନ କରୁଥିଲେ । ସେ ପ୍ରଜାମାନଙ୍କ ଉପରୁ ଲବଣ ଓ କଉଡ଼ି କର ଉଠାଇ ଦେଇଥିଲେ । ତେଣୁ ସେ ପ୍ରଜାମାନଙ୍କର ପ୍ରୀତିଭାଜନ ହୋଇଥିଲେ । ତାଙ୍କର ରାଜତ୍ୱ କାଳରେ ସର୍ବସାଧାରଣଙ୍କ ଜୀବନ ନିରାପଦ ଥିଲା । ଲୋକମାନଙ୍କ ମଧ୍ୟରେ ସଦ୍ଭାବ ଓ ଏକତା ଥିଲା । କୃଷି ଓ ବାଣିଜ୍ୟର ବିକାଶ ହୋଇଥିଲା । ଦେଶର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ଥିଲା । କପିଳେନ୍ଦ୍ର ଦେବ କଳା ଓ ସାହିତ୍ୟର

ପୃଷ୍ଠପୋଷକ ଥିଲେ । ସେ 'ପରଶୁରାମ ବିଜୟ' ନାମକ ସଂସ୍କୃତ ନାଟକ ରଚନା କରିଥିଲେ । ୧୪୬୬ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ହୋଇଥିଲା ।

କ) କପିଳେନ୍ଦ୍ର ଦେବ କେଉଁ ଶତାବ୍ଦୀର ରାଜାଥିଲେ ?

ଖ) ସେ ପ୍ରଜାମାନଙ୍କ ପ୍ରୀତିଭାଜନ ହେବାର କାରଣ  କ'ଣ ?

ଗ) ସେ ରଚନା କରିଥିବା ସଂସ୍କୃତ ନାଟକର ନାମ କ'ଣ ?

ଘ) ତାଙ୍କର ରାଜତ୍ୱ କାଳରେ ସର୍ବସାଧାରଣଙ୍କ ଜୀବନ କିପରି ଥିଲା  ?

ଙ) ସେ ପ୍ରଜାମାନଙ୍କ ଉପରୁ କେଉଁ କର ଉଠାଇ ଦେଇଥିଲେ ?

## 'ଖ' ବିଭାଗ – (ଅନୁଚ୍ଛେଦ ଲିଖନ)

**1. ଯେକୌଣସି ଗୋଟିଏ ବିଷୟରେ ରଚନା ଲେଖ ।** (1x5)

କ) ଉତ୍କଳ ଦିବସ

ଖ) ବର୍ଷାଋତୁ

## ଗ-ବିଭାଗ-( ସପ୍ରସଙ୍ଗ ସରଳାର୍ଥ) (5x1=5)

୧) ମହୀ ମଣ୍ଡଳ ଦୁଃଖ ଚାହିଁ
ଜଳ ଛାଡିଲା ତୋଷ ହୋଇ ।।

୨) ନାନା ପ୍ରକାରେ ଶସ୍ୟରାଶି
ଏଣେ ପୂରିତ ମହୀ ଦିଶି ।।

## ଘ-ବିଭାଗ-ବ୍ୟାକରଣ

**1.** ନିମ୍ନଲିଖିତ (୧ମରୁ ୫ମ ପ୍ରଶ୍ନରେ) ଧାଡିରେ ତିନୋଟି ଏକ ଜାତୀୟ ଶବ୍ଦ ସହିତ ଗୋଟିଏ ଭିନ୍ନ ଜାତୀୟ ଶବ୍ଦ ରହିଛି । ସେହି ଭିନ୍ନ ଜାତୀୟ ଶବ୍ଦ ଟିକୁ ଚିହ୍ନଟ କରି ଲେଖ । (10x 1)

୧- ବର୍ଷା, ବିଜୁଳି, ଗିରିଶିଖ, ପବନ

୨- ମଣ୍ଡୁକ, ମୟୂର, ଛତୁ, ପ୍ରଜାପତି

୩- ପୃଥିବୀ, ମହିମଣ୍ଡଳ, ମଞ୍ଚପୁର, ଶୂନ୍ୟପଥ

୪- ବର୍ଷା, ଶୀତ, ଗ୍ରୀଷ୍ମ, ଫଗୁଣ

୫-  ବିଜୁଳି, ଶବଦ, ବରଷା, ତପତ

## ଙ-ବିଭାଗ-(ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନ)

୧) ଜଗନ୍ନାଥ ଦାସ କେଉଁ ଶତାବ୍ଦୀରେ ଜନ୍ମଗ୍ରହଣ କରିଥିଲେ ? (2x 5)

୨) ବର୍ଷା କବିତାଟି କେଉଁ ଗ୍ରନ୍ଥରୁ ଆସିଅଛି ?

୩)  ଗୋଟିଏ ବର୍ଷରେ ଆମେ କେତୋଟି ଋତୁର ପ୍ରଭାବ ଅନୁଭବ କରିଥାଉ ?

୪) ମେଘମାନେ କେଉଁ ଠାରେ ମିଳିତ ହୁଅନ୍ତି ବୋଲି କୁହାଯାଇଛି ?

୫) ବର୍ଷା ଋତୁ ପୂର୍ବରୁ ପୃଥିବୀରେ କେଉଁ ଋତୁର ପ୍ରଭାବ ରହିଥାଏ ?

## ଚ-ବିଭାଗ-(ବହୁ ବୈକଳ୍ପିକ ପ୍ରଶ୍ନ)

୧ - ମଣ୍ଡୂକ ଶବ୍ଦର ଅର୍ଥ କେଉଁଟି ନିମ୍ନଲିଖିତ ଶବ୍ଦ ଚାରିଗୋଟି ମଧ୍ୟରୁ ବାଛିଲେଖ ।(

( ସାପ, ମୂଷା, ଝିଟିପିଟି, ବେଙ୍ଗ )

୨ - ନିମ୍ନ ଲିଖିତ ପଦ ଚାରିଗୋଟି ମଧ୍ୟରୁ 'ବାରି' ଶବ୍ଦର ଅର୍ଥ କ'ଣ ହେବ ବାଛିଲେଖ ।

( ଜଳ, ମେଘ, ବନ୍ୟା, ନଦୀ )

୩ - ଯେସନେ  ଶବ୍ଦଟିର ଅର୍ଥ କ'ଣ ହେବ ବାଛିଲେଖ ।

( କିପରି, ଏପରି, ସେପରି, ଯେପରି )

୪ - କେଉଁଟି ପୃଥିବୀ ଶବ୍ଦର ପ୍ରତିଶବ୍ଦ ନୁହେଁ  ?

( ମହୀ, ଧରିତ୍ରୀ, ବସୁଧା, ତପସ୍ୱୀ )

୫ - କେଉଁ ଶବ୍ଦଟି ଅଲଗା, ବାଛିଲେଖ ।

( ଏକାଦଶ, ଦ୍ୱାଦଶ, ତ୍ରୟୋଦଶ, ଚଉଦ )

| | | |
|---|---|---|
| | | ANNEXURE-C |
| NAME OF THE EXAMINATION : PA-1 (2023-2024)<br>SUBJECT-ODIA  CLASS-VI | | |
| MARKING SCHEME | | |
| 1. | କ) ସ୍ୱଚ୍ଛତାକୁ<br>ଖ) ସ୍ୱଚ୍ଛତାର<br>ଗ) ପଦକ୍ଷେପ ଗ୍ରହଣ କରାଯାଇଛି<br>ଘ) ୨୦୧୪ ମସିହା ଅକ୍ଟୋବର ୨ରେ<br>ଙ) ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ | **ଆମ ସାହିତ୍ୟ (ଷଷ୍ଠ ଶ୍ରେଣୀ)<br>ପ୍ରକାଶକ - ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ,<br>ଓଡ଼ିଶା ସରକାର** |
| 2 | ଉପକ୍ରମ, ବିଷୟ ବର୍ଣ୍ଣନା ଏବଂ ଉପସଂହାର ଆଦି ତିନୋଟି ଅନୁଚ୍ଛେଦରେ ବିଭକ୍ତ କରି ଲେଖିଥିଲେ ପୂର୍ଣ୍ଣ ନମ୍ବର ଦିଆଯିବ । | |
| 3 | ବିଷୟର ନାମ, ପ୍ରସଙ୍ଗ -୧<br>କବି/ଲେଖକ ପରିଚୟ-୧<br>ବର୍ଣ୍ଣନା-୩ | |

| | | |
|---|---|---|
| | ସରଳାର୍ଥରେ ସର୍ବାଧିକ ୫ ନମ୍ବର ଦିଆଯିବ । | |
| 4 | ୧) ପଞ୍ଚଦଶ ଶତାବ୍ଦୀ<br>୨) ଭାଗବତ<br>୩) ଛଅଟି ଋତୁ<br>୪) ଆକାଶରେ ବା ଶୂନ୍ୟପଥରେ<br>୫) ଗ୍ରୀଷ୍ମ | |
| 5 | ୧) ବର୍ଷାଋତୁ<br>୨) ଶୂନ୍ୟପଥରେ<br>୩) ନଦୀ ମାନେ<br>୪) ଓଡ଼ିଆ ଭାଗବତ<br>୫) ଗ୍ରୀଷ୍ମ | |
| | | |

## କ-ବିଭାଗ – ଲିଖନ

1. ଅନୁଚ୍ଛେଦଟିକୁ ପଢ଼ି ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (1x5=5)

ଜଣେ ସୁଶାସକ ଭାବରେ କପିଳେନ୍ଦ୍ର ଦେବ ଇତିହାସ ପ୍ରସିଦ୍ଧ । ତାଙ୍କର ବ୍ୟକ୍ତିଗତ ଯତ୍ନରେ ଶାସନକାର୍ଯ୍ୟ ପରିଚାଳିତ ହେଉଥିଲା । ରାଜ୍ୟର ପ୍ରତ୍ୟେକ ଅଞ୍ଚଳ ଗସ୍ତକରି ସେ ବିଭିନ୍ନ ସମସ୍ୟାର ସମାଧାନ କରୁଥିଲେ । ସେ ପ୍ରଜାମାନଙ୍କ ଉପରୁ ଲବଣ ଓ କଉଡ଼ି କର ଉଠାଇ ଦେଇଥିଲେ । ତେଣୁ ସେ ପ୍ରଜାମାନଙ୍କର ପ୍ରୀତିଭାଜନ ହୋଇଥିଲେ । ତାଙ୍କର ରାଜତ୍ୱ କାଳରେ ସର୍ବସାଧାରଣଙ୍କ ଜୀବନ ନିରାପଦ ଥିଲା । ଲୋକମାନଙ୍କ ମଧ୍ୟରେ ସଦ୍ଭାବ ଓ ଏକତା ଥିଲା । କୃଷି ଓ ବାଣିଜ୍ୟର ବିକାଶ ହୋଇଥିଲା । ଦେଶର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ଥିଲା । କପିଳେନ୍ଦ୍ର ଦେବ କଳା ଓ ସାହିତ୍ୟର ପୃଷ୍ଠପୋଷକ ଥିଲେ । ସେ 'ପରଶୁରାମ ବିଜୟ' ନାମକ ସଂସ୍କୃତ ନାଟକ ରଚନା କରିଥିଲେ । ୧୪୬୬ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ହୋଇଥିଲା ।

କ) କପିଳେନ୍ଦ୍ର ଦେବ କେଉଁ ଶତାବ୍ଦୀର ରାଜାଥିଲେ ?

ଖ) ସେ ପ୍ରଜାମାନଙ୍କ ପ୍ରୀତିଭାଜନ ହେବାର କାରଣ କ'ଣ ?

ଗ) ସେ ରଚନା କରିଥିବା ସଂସ୍କୃତ ନାଟକର ନାମ କ'ଣ ?

ଘ) ତାଙ୍କର ରାଜତ୍ୱ କାଳରେ ସର୍ବସାଧାରଣଙ୍କ ଜୀବନ କିପରି ଥିଲା ?

ଙ) ସେ ପ୍ରଜାମାନଙ୍କ ଉପରୁ କେଉଁ କର ଉଠାଇ ଦେଇଥିଲେ ?

**SUBJECT – ODIA**

**CLASS: VI**

TOPIC – ନ୍ୟାୟ ବିଚାର

| QSTN No | Key Words / Value Points | Mark Allotted | Page No of Text Book |
|---|---|---|---|
| 1 | 'କ' ବିଭାଗ (ପଠନ -10)<br>ଅପଠିତ ଗଦ୍ୟାଂଶ -<br>କ) କପିଳେନ୍ଦ୍ର ଦେବ ପଞ୍ଚଦଶ ଶତାବ୍ଦୀର ରାଜାଥିଲେ ।<br>ଖ) ସେ ରାଜ୍ୟର ପ୍ରତ୍ୟେକ ଅଞ୍ଚଳ ଗସ୍ତକରି ପ୍ରଜାମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ କରି ପ୍ରୀତିଭାଜନ ହୋଇଥିଲେ ।<br>ଗ) ସେ ରଚନା କରିଥିବା ସଂସ୍କୃତ ନାଟକର ନାମ 'ପରଶୁରାମ ବିଜୟ' ଥିଲା ।<br>ଘ) ତାଙ୍କର ରାଜତ୍ୱ କାଳରେ କୃଷି ଓ ବାଣିଜ୍ୟର ବିକାଶ ହୋଇଥିଲା ।<br>ଙ) ସେ ପ୍ରଜାମାନଙ୍କ ଉପରୁ ଲବଣ ଓ କଉଡ଼ି କର ଉଠାଇ ଦେଇଥିଲେ । | 2×5 =10 | Out Source |

## ଖ-ବିଭାଗ – ଲିଖନ – (15)

**4. ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ।** (5X3=15)

କ) ଜାନକୀ ବାଈ ପୁଅର କିଭଳି ମୃତ୍ୟୁ ଘଟିଲା ଓ କାଜିଙ୍କର ଆଦେଶକୁ ସୁଲତାନ୍ କିପରି ପାଳନ କଲେ ?

ଖ) ଜାନକୀ ବାଈର ଅଭିଯୋଗ ଶୁଣି କାଜି କ'ଣ କଲେ ଓ କାଜିଙ୍କର ସାହସ ଦେଖି ଲୋକେ କ'ଣ ଭାବିଲେ ?

ଗ) " ଆପଣ ମୋ ରାଜ୍ୟର ଗୌରବ ।" ଏହି ଉକ୍ତିଟି କିଏ , କାହାକୁ ଓ କେଉଁ ପରିସ୍ଥିତିରେ କହିଛନ୍ତି ବର୍ଣ୍ଣନା କର ।